**ସତ୍ୟପାଲ ସିଂହ**

**ବନାମ**

**ହରିୟାଣା ରାଜ୍ୟ ଅଧସ୍ତନ ଚୟନ ବୋର୍ଡ୍ ଏବଂ ଅନ୍ୟମାନେ**

**ଏପ୍ରିଲ 7, 1994**

**[କେ. ରାମାସ୍ୱାମୀ ଏବଂ ଏନ୍. ଭେଙ୍କଟଚଲା, ନ୍ୟାୟମୂର୍ତ୍ତିଦ୍ୱୟ]**

*ସେବା ଆଇନ: ବେସାମରିକ ସେବା - ହରିୟାଣା ରାଜ୍ୟ ଅଧସ୍ତନ ସେବା - ନିୟମିତକରଣ – ଭିନ୍ନକ୍ଷମ - ପୂର୍ବତନ ସୈନିକମାନେ - ଏହା ନିର୍ଣ୍ଣୟ ନିଆଯାଇଥିଲା ଯେ, କାମଚଳା କ୍ଷମତାରେ ନିଯୁକ୍ତ ଏପରି ବ୍ୟକ୍ତିମାନଙ୍କ ପାଇଁ ନିୟମିତକରଣର କୌଣସି ସ୍ୱୟଂକ୍ରିୟ ଅଧିକାର ନାହିଁ - ଯୋଗ୍ୟତା ମାନଦଣ୍ଡକୁ ଗ୍ରହଣ କରିବା ନ୍ୟାୟସଙ୍ଗତ ଓ ନିରପେକ୍ଷ ବୋଲି ଧାରଣ କରାଗଲା - ହରିୟାଣା ସରକାରଙ୍କ 6 ମାର୍ଚ୍ଚ 1972 ଏବଂ 21 ମେ 1979 ର ନିର୍ଦ୍ଦେଶାବଳୀ - ହରିୟାଣା ରାଜ୍ୟ ଅଧସ୍ତନ ସେବା ଚୟନ ବୋର୍ଡ଼ର ସେପ୍ଟେମ୍ବର 1, 1991 ର ସଂକଳ୍ପ* ।

ଅପିଲକାରୀ ଜଣେ ପୂର୍ବତନ ସୈନିକ, ଯାହାଙ୍କ ଶରୀର 40 ପ୍ରତିଶତ ପର୍ଯ୍ୟନ୍ତ ଅକ୍ଷମ ହୋଇଥିଲା । ତାଙ୍କୁ ଏକ *କାମଚଳା* ଆଧାରରେ "ବୈଷୟିକ ଟ୍ରେସର୍" ଭାବରେ ନିଯୁକ୍ତ କରାଯାଇଥିଲା ଏବଂ ତାଙ୍କୁ ନିୟମିତ ପ୍ରାର୍ଥୀ ଭାବେ ସାମିଲ କରିବା ପାଇଁ ହରିୟାଣାର ରାଜ୍ୟ ସୈନିକ ବୋର୍ଡ଼ର ଅଧକ୍ଷଙ୍କ ଦ୍ୱାରା ତାଙ୍କ ନାମ ସୁପାରିଶ କରାଯାଇଥିଲା । ତେବେ ଅଧସ୍ତନ ସେବା ଚୟନ ବୋର୍ଡ଼ ନିୟମିତ ନିଯୁକ୍ତି ପାଇଁ ତାଙ୍କ ନାମ ସୁପାରିଶ କରିନଥିଲା । ସେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟରେ ଏକ ଆଜ୍ଞାଦେଶ ଆବେଦନ ଦାୟର କରିଥିଲେ ଯାହା ଖାରଜ ହୋଇଯାଇଥିଲା । ଏହାପରେ ସେ ବିଶେଷ ଅନୁମତି ଦ୍ୱାରା ଏହି ନ୍ୟାୟାଳୟରେ ଅପିଲ କରିଥିଲେ ।

ଅପିଲକାରୀଙ୍କ ମୁଖ୍ୟ ଯୁକ୍ତି ଥିଲା ଯେ ହରିୟାଣା ସରକାରଙ୍କ ଦ୍ୱାରା 1972 ମସିହା ମାର୍ଚ୍ଚ 6 ତାରିଖରେ ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ, ସୈନିକ ବୋର୍ଡ଼ ଦ୍ୱାରା ଏକ ନାମ ପ୍ରାୟୋଜିତ ହେବା ପରେ, ନିଯୁକ୍ତିଦାତାଙ୍କ ଦ୍ୱାରା ଏକ *କାମଚଳା* ନିଯୁକ୍ତି କରାଯାଇଥିଲା ଏବଂ ଯେତେବେଳେ ନିୟମିତକରଣ ପାଇଁ ଅଧସ୍ତନ ସେବା ଚୟନ ବୋର୍ଡ଼କୁ ନାମ ସୁପାରିଶ କରାଯାଇଥିଲା, ଯେପର୍ଯ୍ୟନ୍ତ ଖାଲି ପଦବୀ ଥିଲା ଏବଂ 20 ରୁ 50 ପ୍ରତିଶତ ମଧ୍ୟରେ ଅକ୍ଷମତା ଥିବା ବ୍ୟକ୍ତି ଉପଲବ୍ଧ ଥିଲେ, ସେପର୍ଯ୍ୟନ୍ତ ସେ ନିଶ୍ଚିତ ଭାବେ ନିୟମିତ ହେବା ପାଇଁ ହକଦାର ଥିଲେ । ତେବେ, ଉତ୍ତରଦାତା ବୋର୍ଡ଼ ଯୁକ୍ତି କରିଥିଲା ଯେ ନିୟମିତକରଣ ଉଦ୍ଦେଶ୍ୟରେ ଏକ ଯୋଗ୍ୟତା ମାନଦଣ୍ଡ ଗ୍ରହଣ

**କରାଯାଇଥିଲା ଏବଂ ଯେହେତୁ ଅପିଲକାରୀ *ମୌଖିକ ପରୀକ୍ଷା* ପାଇଁ ନିର୍ଦ୍ଧାରିତ ସର୍ବନିମ୍ନ ମାର୍କ ହାସଲ କରିବାରେ ସଫଳ ହୋଇନଥିଲେ, ତେଣୁ ତାଙ୍କ ନାମକୁ ସୁପାରିଶ କରାଯାଇପାରି ନଥିଲା ।**

**ନିର୍ଦ୍ଦେଶ ସହିତ ଅପିଲର ଫଏସଲା କରି, ଏହି ନ୍ୟାୟାଳୟ**

**ନିର୍ଣ୍ଣୟ ନେଇଥିଲେ ଯେ: 1. ବୋର୍ଡ଼ ଦ୍ୱାରା ଗ୍ରହଣ କରାଯାଇଥିବା ପ୍ରକ୍ରିୟା ନ୍ୟାୟସଙ୍ଗତ ଏବଂ ନିରପେକ୍ଷ ଅଟେ । ସର୍ବନିମ୍ନ ମାର୍କ ପ୍ରଦାନ କରିବା ପାଇଁ ଗ୍ରହଣ କରାଯାଇଥିବା ପ୍ରକ୍ରିୟା ମଧ୍ୟ ପ୍ରାର୍ଥୀମାନଙ୍କୁ ଚୟନ କରିବା ଏବଂ ସେମାନଙ୍କୁ ନିୟମିତ କରିବା ପାଇଁ ସୁପାରିଶ କରିବା ପାଇଁ ଏକ ନ୍ୟାୟସଙ୍ଗତ ଏବଂ ନିରପେକ୍ଷ ପ୍ରକ୍ରିୟା ଅଟେ । ଯେହେତୁ ଅପିଲକାରୀ *ମୌଖିକ ପରୀକ୍ଷା* ପାଇଁ ନିର୍ଦ୍ଧାରିତ ସର୍ବନିମ୍ନ ମାର୍କ ହାସଲ କରିବାରେ ସଫଳ ହୋଇନଥିଲେ, ତେଣୁ ସ୍ପଷ୍ଟତଃ ବୋର୍ଡ଼ ତାଙ୍କୁ ଚୟନ କରିପାରିଲା ନାହିଁ ଏବଂ ନିୟମିତ କରିବା ପାଇଁ ତାଙ୍କ ନାମକୁ ସୁପାରିଶ କରିପାରିଲା ନାହିଁ । ନିୟମିତକରଣ ସ୍ୱୟଂକ୍ରିୟ ହେବା ଉଚିତ ଏବଂ ଯେହେତୁ ଭିନ୍ନକ୍ଷମ କୋଟାରୁ ଅନ୍ୟ କୌଣସି ପ୍ରାର୍ଥୀ ଉପଲବ୍ଧ ନାହାଁନ୍ତି ତେଣୁ ଏହା ଅଧିକାର ଭାବେ ହେବା ଉଚିତ - ଏହି ଯୁକ୍ତି ଗ୍ରହଣୀୟ ନୁହେଁ ।**

**2. ଯେହେତୁ ନ୍ୟାୟାଳୟ ଜାନୁଆରୀ 3, 1994 ର ଏକ ଆଦେଶ ଦ୍ୱାରା ଏହା କହିଥିଲେ ଯେ ଯଦି କୌଣସି ପଦବୀ ଖାଲି ଥିଲା ଯେଉଁଥିରେ ସେ କରି କାର୍ଯ୍ୟ କରିଆସୁଥିଲେ, ଯେପରି ଅପିଲକାରୀ ପ୍ରତିବେଦନ କରିଥିଲେ, ତେବେ ତାଙ୍କୁ ସେହି ପଦବୀରେ ଜାରି ରଖିବାକୁ ଅନୁମତି ଦେବା ଉତ୍ତରଦାତାମାନଙ୍କ ପାଇଁ ଖୋଲା ରହିବ (ଏବଂ ବାସ୍ତବରେ ସେ ଏହିପରି ରହି ଆସିଛନ୍ତି), ସାମିଲ କରିବା ପାଇଁ ନିୟମିତ ଚୟନ ନହେବା ପର୍ଯ୍ୟନ୍ତ ଏବଂ ଜଣେ ନିୟମିତ ପ୍ରାର୍ଥୀ ଉପଲବ୍ଧ ନହେବା ପର୍ଯ୍ୟନ୍ତ ତାଙ୍କୁ ପଦବୀରେ ଜାରି ରଖିବା ଉତ୍ତରଦାତାମାନଙ୍କ ପାଇଁ ଖୋଲା ଅଟେ । ଏହି ପଦବୀରେ ନିୟମିତ ନିଯୁକ୍ତି ସମୟରେ, ଉତ୍ତରଦାତାମାନେ ତାଙ୍କ ନାମକୁ ଅନ୍ୟ ପ୍ରାର୍ଥୀମାନଙ୍କ ସହିତ ନୂତନ ଭାବରେ ବିଚାର ପାଇଁ ପ୍ରାୟୋଜିତ କରିବେ ।**

ଦେୱାନୀ ଅପିଲୀୟ ଅଧିକାରିତା: ଦେୱାନୀ ଅପିଲ ସଂଖ୍ୟା 3917/1994 ।

ସି.ଡବ୍ଲ୍ୟୁ.ପି. ସଂଖ୍ୟା 15310/1993 ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କ 5.8.93 ର ରାୟ ଏବଂ ଆଦେଶରୁ ଏହି ଅପିଲ କରାଯାଇଛି ।

ଅପିଲକାରୀମାନଙ୍କ ତରଫରୁ ଡି. ଏସ୍. ବାଲି, ଏସ୍. ଶ୍ରୀନିବାସନ୍ ଏବଂ ରାଜେଶ କେ. ଶର୍ମା ।

ଉତ୍ତରଦାତାମାନଙ୍କ ତରଫରୁ ପ୍ରଦୀପ ଗୁପ୍ତା ଏବଂ କେ. କେ. ମୋହନ ।

ରାଜ୍ୟ ତରଫରୁ ସୁଶ୍ରୀ ଇନ୍ଦୁ ମଲହୋତ୍ରା ଏବଂ ଡାନିଆ ପ୍ରଧାନ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା: ମଞ୍ଜୁରୀ ପ୍ରଦାନ କରାଗଲା ।

ଅଗଷ୍ଟ 3, 1993 ର ସି.ଡବ୍ଲ୍ୟୁ.ପି. ସଂଖ୍ୟା 15310/1993 ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ନ୍ୟାୟମୂର୍ତ୍ତିଙ୍କ ଏକ ଖଣ୍ଡପୀଠଙ୍କ ଆଦେଶ, ଯାହା ଏହି ଆଜ୍ଞାଦେଶ ଆବେଦନଟିକୁ *ପ୍ରାରମ୍ଭରେ ହିଁ* ଖାରଜ କରିଦେଇଥିଲେ, ତହିଁରୁ ବିଶେଷ ଅନୁମତି ଦ୍ୱାରା ଏହି ଅପିଲ ଆସିଅଛି । ଅପିଲକାରୀ ଜଣେ ପୂର୍ବତନ ସୈନିକ ଅଟନ୍ତି । ସେ ସେନାରେ କାର୍ଯ୍ୟ କରିଥିଲେ ଏବଂ 40 ପ୍ରତିଶତ ପର୍ଯ୍ୟନ୍ତ ଅକ୍ଷମ ଥିଲେ । ସେ ଜଣେ "ବୈଷୟିକ ଟ୍ରେସର୍" ଥିଲେ । ନଭେମ୍ବର 8, 1991 ରେ ସେ ଏକ *କାମଚଳା* ଭିତ୍ତିରେ ନିଯୁକ୍ତ ହୋଇଥିଲେ । ତାଙ୍କୁ ନିୟମିତ ପ୍ରାର୍ଥୀ ଭାବେ ସାମିଲ କରିବା ପାଇଁ ହରିୟାଣାର ରାଜ୍ୟ ସୈନିକ ବୋର୍ଡ଼ର ଅଧକ୍ଷଙ୍କ ଦ୍ୱାରା ତାଙ୍କ ନାମ ସୁପାରିଶ କରାଯାଇଥିଲା । ଅଧସ୍ତନ ସେବା ଚୟନ ବୋର୍ଡ଼, ସଂକ୍ଷେପରେ, ବୋର୍ଡ଼, ମୃତ ଅକ୍ଷମ ବ୍ୟକ୍ତିଙ୍କ ପିଲାମାନଙ୍କ ସହିତ ତାଙ୍କ ମାମଲା ଉପରେ ବିଚାର କରୁଥିବାବେଳେ ଏହା ଉତ୍ତରଦାତା ସଂଖ୍ୟା 4 ଏବଂ 5 ଙ୍କୁ ଚୟନ କରିଥିଲା ଏବଂ ଅପିଲକାରୀଙ୍କ ମାମଲାକୁ ସୁପାରିଶ କରାଯାଇ ନଥିଲା । ତାଙ୍କ ଚୟନ ନ ହେବା ଉପରେ ପ୍ରଶ୍ନ ଉଠାଇ ଅପିଲକାରୀ ଆଜ୍ଞାଦେଶ ଆବେଦନ ଦାୟର କରିଥିଲେ, ଯାହା ଖାରଜ ହୋଇଯାଇଥିଲା । ଅପିଲକାରୀଙ୍କ ମାମଲା ହରିୟାଣା ସରକାରଙ୍କ ଦ୍ୱାରା ମାର୍ଚ୍ଚ 6, 1972 ରେ ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ଉପରେ ଆଧାରିତ, ଯେଉଁଥିରେ କୁହାଯାଇଥିଲା ଯେ ଯେତେବେଳେ ପୂର୍ବତନ ସୈନିକଙ୍କ ପାଇଁ ସଂରକ୍ଷିତ ପଦବୀ ଖାଲି ହେବ, ସେତେବେଳେ ନିଯୁକ୍ତି ଏକ୍ସଚେଞ୍ଜକୁ ସୂଚନା ପଠାଯିବ ଯାହା ସୂଚିତ କରିବ ଯେ 20 ରୁ 40 ପ୍ରତିଶତ ଅକ୍ଷମତା ମଧ୍ୟରେ ଜଣେ ଭିନ୍ନକ୍ଷମ ପୂର୍ବତନ ସୈନିକ ଏବଂ ନିହତ/ସେବାରେ ଥିବାବେଳେ 50 ପ୍ରତିଶତରୁ ଅଧିକ ଅକ୍ଷମତା ଥିବା ଭିନ୍ନକ୍ଷମଙ୍କ ନିର୍ଭରଶୀଳଙ୍କୁ ଏହି ପଦବୀ ପାଇଁ ସୁପାରିଶ କରାଯିବ । ନିଯୁକ୍ତି ଏକ୍ସଚେଞ୍ଜରେ ଏବଂ ସେମାନଙ୍କ ଅନୁପସ୍ଥିତିରେ ଆର୍. ଏସ୍. ବୋର୍ଡ଼ରେ ଉପଲବ୍ଧ ପ୍ରାର୍ଥୀମାନଙ୍କ ନାମ ବୋର୍ଡ଼ ସୁପାରିଶ କରାଯିବ, ମାନଦଣ୍ଡ 3 ନିମ୍ନରେ ଦର୍ଶାଯାଇଛି:

> "ପ୍ରଥମେ ଭିନ୍ନକ୍ଷମ ପୂର୍ବତନ ସୈନିକ (20 ରୁ 50 ପ୍ରତିଶତ ମଧ୍ୟରେ ଅକ୍ଷମତା) ଏବଂ ନିହତ ବ୍ୟକ୍ତିଙ୍କ ନିର୍ଭରଶୀଳଙ୍କୁ ନିଯୁକ୍ତି ଦିଆଯିବ ଏବଂ ପରେ ସେମାନଙ୍କ ମାମଲାକୁ ନିୟମିତ ନିଯୁକ୍ତି ପାଇଁ ହରିୟାଣା ଅଧସ୍ତନ ସେବା ଚୟନ ବୋର୍ଡ଼କୁ ପଠାଯିବ" ।

ଏହାକୁ ଆଧାର କରି, ଅପିଲକାରୀଙ୍କ ତରଫରୁ ବିଜ୍ଞ ଅଧିବକ୍ତାଙ୍କ ଦ୍ୱାରା ଯୁକ୍ତି କରାଯାଇଛି ଯେ ଥରେ ସୈନିକ ବୋର୍ଡ଼ ଦ୍ୱାରା ନାମ ପ୍ରାୟୋଜିତ ହେବା ପରେ ଏବଂ ନିଯୁକ୍ତିଦାତା ଏକ *କାମଚଳା* ନିଯୁକ୍ତି

ଦେଇ ନିୟମିତକରଣ ପାଇଁ ବୋର୍ଡ଼କୁ ସୁପାରିଶ କରି ସାରିଲା ପରେ, ଯେପର୍ଯ୍ୟନ୍ତ ଖାଲି ପଦବୀ ଅଛି ଏବଂ 20 ରୁ 50 ପ୍ରତିଶତ ମଧ୍ୟରେ ଅକ୍ଷମତା ଥିବା ଜଣେ ବ୍ୟକ୍ତି ଉପଲବ୍ଧ ଅଛନ୍ତି, ସେପର୍ଯ୍ୟନ୍ତ ସେ ନିଶ୍ଚିତ ଭାବେ ନିୟମିତ ହେବା ପାଇଁ ହକଦାର ଅଟନ୍ତି । ଏହାର ଜବାବରେ ବୋର୍ଡ଼ କହିଥିଲା ଯେ ମେ 21, 1979 ରେ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀରେ ଥିବା ଯୋଗ୍ୟତା ମାନଦଣ୍ଡକୁ ସରକାର ଗ୍ରହଣ କରିଥିଲେ ଯାହା ଏହିପରି ଥିଲା - ପ୍ରଥମ ଏବଂ ଦ୍ୱିତୀୟ ଶ୍ରେଣୀ ପଦବୀ ନିମନ୍ତେ ପୂର୍ବତନ ସୈନିକଙ୍କ ପାଇଁ 5 ପ୍ରତିଶତ ଏବଂ ତୃତୀୟ ଏବଂ ଚତୁର୍ଥ ଶ୍ରେଣୀ ପଦବୀ ନିମନ୍ତେ 25 ପ୍ରତିଶତ ସଂରକ୍ଷିତ ରହିବ ଯେଉଁ ପ୍ରାର୍ଥୀମାନେ ନିଯୁକ୍ତି ପାଇଁ ଉପଯୁକ୍ତ ବୋଲି ଜଣାପଡ଼ିବେ । ପ୍ରଥମତଃ, ଭିନ୍ନକ୍ଷମ ପୂର୍ବତନ ସୈନିକମାନଙ୍କୁ ଯୋଗ୍ୟତା ଆଧାରରେ ନିଯୁକ୍ତି ପାଇଁ ବିଚାର କରାଯିବ ଏବଂ ସେମାନଙ୍କ ଉପଲବ୍ଧତାର ଅନୁପସ୍ଥିତିରେ, ଭିନ୍ନକ୍ଷମ ପୂର୍ବତନ ସୈନିକମାନଙ୍କ ପିଲାମାନଙ୍କୁ ବିଚାର କରାଯିବ । ବୋର୍ଡ଼ ଦୁଇଟି ପଦ୍ଧତି ନିର୍ଦ୍ଧାରଣ କରିଥିଲା ଯଥା, ଲିଖିତ ପରୀକ୍ଷା ଏବଂ *ମୌଖିକ ପରୀକ୍ଷା* କିମ୍ବା କେବଳ *ମୌଖିକ ପରୀକ୍ଷା*, ଏବଂ ଉପରୋକ୍ତ ପ୍ରକ୍ରିୟା ଅନୁଯାୟୀ ସମସ୍ତ ବ୍ୟକ୍ତିଙ୍କ ଦାବିର ବିଚାର କରାଯିବ । ଦ୍ୱିତୀୟ ବର୍ଗ ଦ୍ୱାରା ନିର୍ଦ୍ଧାରିତ ପ୍ରକ୍ରିୟା, ଯଥା, ଯଦି ଚୟନ କେବଳ *ମୌଖିକ ପରୀକ୍ଷା* ଦ୍ୱାରା କରାଯାଏ, ତେବେ *ମୌଖିକ ପରୀକ୍ଷା* ପାଇଁ 20 ପ୍ରତିଶତ ମାର୍କ ନିର୍ଦ୍ଧାରିତ ହୋଇଥିଲା ଏବଂ ଚୟନ ପାଇଁ ଜଣେ ପ୍ରାର୍ଥୀ ସର୍ବନିମ୍ନ ମାର୍କ ପାଇବା ଆବଶ୍ୟକ । କେବଳ *ମୌଖିକ ପରୀକ୍ଷା* ଦ୍ୱାରା ପ୍ରାର୍ଥୀମାନଙ୍କ ଚୟନ ପାଇଁ ଦାବି ଉପରେ ବିଚାର କରିବା ପାଇଁ ଅନ୍ୟ ଏକ ସଂକଳ୍ପରେ ବୋର୍ଡ଼ ପ୍ରତ୍ୟେକ ମାନଦଣ୍ଡ, ଅର୍ଥାତ୍, ଯୋଗ୍ୟତା, ଉଚ୍ଚତର ଯୋଗ୍ୟତା, ଅଭିଜ୍ଞତା, କ୍ରୀଡ଼ା, ବିଷୟର ସ୍ୱତନ୍ତ୍ର ଜ୍ଞାନ ଇତ୍ୟାଦି ଏବଂ *ମୌଖିକ ପରୀକ୍ଷା* ପାଇଁ ମାର୍କ ଆବଣ୍ଟନକୁ ଗ୍ରହଣ କରିଥିଲା । ଅପିଲକାରୀ *ମୌଖିକ ପରୀକ୍ଷା* ପାଇଁ ନିର୍ଦ୍ଧାରିତ ସର୍ବନିମ୍ନ 5 ମାର୍କ ହାସଲ କରିବାରେ ସଫଳ ହୋଇନଥିଲେ, ଫଳସ୍ୱରୂପ ତାଙ୍କୁ ନିୟମିତକରଣ ପାଇଁ ସୁପାରିଶ କରାଯାଇପାରି ନଥିଲା । ଆମ୍ଭେ ଜାଣିବାକୁ ପାଉଛୁ ଯେ ବୋର୍ଡ଼ ଦ୍ୱାରା ଗ୍ରହଣ କରାଯାଇଥିବା ପ୍ରକ୍ରିୟା ନ୍ୟାୟସଙ୍ଗତ ଏବଂ ନିରପେକ୍ଷ ଅଟେ ।

ପୂର୍ବରୁ କୁହାଯାଇଥିବା ପରି, 1991 ମସିହା ସେପ୍ଟେମ୍ବର 15 ତାରିଖରେ ବୋର୍ଡ଼ ଦ୍ୱାରା ପାରିତ ହୋଇଥିବା ସଂକଳ୍ପରେ ସେମାନେ ଦୁଇଟି ଉପାୟରେ ମାନଦଣ୍ଡ ଗ୍ରହଣ କରିଥିଲେ: ଯେଉଁଠି ଏକ ଲିଖିତ ପରୀକ୍ଷା ପରେ *ମୌଖିକ ପରୀକ୍ଷା* ଅଛି, ସେଠାରେ ସେମାନେ ସାକ୍ଷାତକାର ପାଇଁ ମୋଟ ମାର୍କର 12.5 ପ୍ରତିଶତ ମାର୍କ ସ୍ଥିର କରିଥିଲେ; ଯେଉଁଠି ଚୟନ କେବଳ *ମୌଖିକ ପରୀକ୍ଷା* ଦ୍ୱାରା ହୋଇଥାଏ, ସେଠାରେ ସେମାନେ ଏଠାରେ ପୂର୍ବରୁ ତାଲିକାଭୁକ୍ତ ଯୋଗ୍ୟତା ଇତ୍ୟାଦି ପାଇଁ ବିଭିନ୍ନ ମାର୍କ ନିର୍ଦ୍ଧାରିତ କରିଥିଲେ, ଏବଂ *ମୌଖିକ ପରୀକ୍ଷା* ମାର୍କ ସମ୍ବନ୍ଧରେ, ପ୍ରାର୍ଥୀଙ୍କୁ ନିମ୍ନରେ ଦର୍ଶାଯାଇଥିବା ସର୍ବନିମ୍ନ ମାର୍କ ହାସଲ କରିବା ଆବଶ୍ୟକ:

"ଚୟନ କରିବାର ଦ୍ୱିତୀୟ ପଦ୍ଧତି କ୍ଷେତ୍ରରେ, ଅର୍ଥାତ୍ କେବଳ ସାକ୍ଷାତକାର ଆୟୋଜନ କରି ଚୟନରେ, ବୋର୍ଡ଼ ସଂକଳ୍ପ କରେ ଯେ ଯେଉଁ ଇ.ଏସ୍.ଏମ୍. ବର୍ଗର ପ୍ରାର୍ଥୀମାନେ ନିମ୍ନୋକ୍ତ ଭାବେ ମାର୍କ ପ୍ରାପ୍ତ କରିବେ:

*ମୌଖିକ ପରୀକ୍ଷା* ନିମନ୍ତେ ନିର୍ଦ୍ଧାରିତ 20 ମାର୍କ ମଧ୍ୟରୁ 5 ମାର୍କରୁ ଅଧିକ;

*ମୌଖିକ ପରୀକ୍ଷା* ନିମନ୍ତେ ନିର୍ଦ୍ଧାରିତ 21-30 ମାର୍କ ମଧ୍ୟରୁ 6 ମାର୍କରୁ ଅଧିକ;

*ମୌଖିକ ପରୀକ୍ଷା* ନିମନ୍ତେ ନିର୍ଦ୍ଧାରିତ 31-40 ମାର୍କ ମଧ୍ୟରୁ 7 ମାର୍କରୁ ଅଧିକ;

*ମୌଖିକ ପରୀକ୍ଷା* ନିମନ୍ତେ ନିର୍ଦ୍ଧାରିତ 41-50 ମାର୍କ ମଧ୍ୟରୁ 8 ମାର୍କରୁ ଅଧିକ;

*ମୌଖିକ ପରୀକ୍ଷା* ନିମନ୍ତେ ନିର୍ଦ୍ଧାରିତ 51-60 ମାର୍କ ମଧ୍ୟରୁ 10 ମାର୍କରୁ ଅଧିକ;

ସେମାନେ ସୁପାରିସ ଉଦ୍ଦେଶ୍ୟରେ ଉପଯୁକ୍ତ ହେବେ" ।

ତେଣୁ, ସର୍ବନିମ୍ନ ମାର୍କ ପ୍ରଦାନ କରିବା ପାଇଁ ଗ୍ରହଣ କରାଯାଇଥିବା ପ୍ରକ୍ରିୟା ମଧ୍ୟ ପ୍ରାର୍ଥୀମାନଙ୍କୁ ଚୟନ କରିବା ଏବଂ ସେମାନଙ୍କୁ ନିୟମିତ କରିବା ପାଇଁ ସୁପାରିଶ କରିବା ନିମନ୍ତେ ଏକ ନ୍ୟାୟସଙ୍ଗତ ଏବଂ ନିରପେକ୍ଷ ପ୍ରକ୍ରିୟା ଅଟେ । ଯେହେତୁ ଅପିଲକାରୀ *ମୌଖିକ ପରୀକ୍ଷା* ପାଇଁ ନିର୍ଦ୍ଧାରିତ ସର୍ବନିମ୍ନ ମାର୍କ ହାସଲ କରିବାରେ ସଫଳ ହୋଇନଥିଲେ, ତେଣୁ ସ୍ପଷ୍ଟତଃ ବୋର୍ଡ଼ ତାଙ୍କୁ ଚୟନ କରିପାରିଲା ନାହିଁ ଏବଂ ନିୟମିତ କରିବା ପାଇଁ ତାଙ୍କ ନାମକୁ ସୁପାରିଶ କରିପାରିଲା ନାହିଁ । ନିୟମିତକରଣ ସ୍ୱୟଂକ୍ରିୟ ହେବା ଉଚିତ ଏବଂ ଯେହେତୁ ଭିନ୍ନକ୍ଷମ କୋଟାରୁ ଅନ୍ୟ କୌଣସି ପ୍ରାର୍ଥୀ ଉପଲବ୍ଧ ନାହାଁନ୍ତି ତେଣୁ ଏହା ଅଧିକାର ଭାବେ ହେବା ଉଚିତ - ଏହି ଯୁକ୍ତି ତେଣୁ ଗ୍ରହଣୀୟ ନୁହେଁ ।

ଅପିଲକାରୀଙ୍କ ତରଫରୁ ବିଜ୍ଞ ଅଧିବକ୍ତାଙ୍କ ଦ୍ୱାରା କୁହାଯାଇଛି ଯେ ଗୋଟିଏ ପଦବୀ ଏପର୍ଯ୍ୟନ୍ତ ଖାଲି, ଅପୂରିତ ଅଛି ଏବଂ ସେ ଏହି ପଦବୀରେ କାର୍ଯ୍ୟ କରି ଆସୁଛନ୍ତି । ଯେତେବେଳେ ଏହି ମାମଲାଟି ବିଚାର ପାଇଁ ଆଗତ ହୋଇଥିଲା ସେତେବେଳେ ବାସ୍ତବରେ ଏପରି ଏକ ପ୍ରତିବେଦନ କରାଯାଇଥିଲା ଏବଂ ଜାନୁଆରୀ 3, 1994 ର ଏକ ଆଦେଶ ଦ୍ୱାରା ଏହି ନ୍ୟାୟାଳୟ କହିଥିଲେ ଯେ ଯଦି ଏପରି କୌଣସି ଖାଲି ପଦବୀ ଅଛି, ତେବେ ଅପିଲକାରୀଙ୍କୁ ସେହି ପଦବୀରେ ରହିବାକୁ ଅନୁମତି ଦେବା ଉତ୍ତରଦାତାମାନଙ୍କ ପାଇଁ ଖୋଲା ରହିବ । ଏହା କୁହାଯାଇଛି ଯେ ସେ ଏହିପରି ରହି ଆସିଛନ୍ତି । ଏହି ପରିସ୍ଥିତିରେ, ସାମିଲ କରିବା ପାଇଁ ନିୟମିତ ଚୟନ ନହେବା ପର୍ଯ୍ୟନ୍ତ ଏବଂ ଜଣେ ନିୟମିତ ପ୍ରାର୍ଥୀ ଉପଲବ୍ଧ ନହେବା ପର୍ଯ୍ୟନ୍ତ ତାଙ୍କୁ ପଦବୀରେ ଜାରି ରଖିବା ଉତ୍ତରଦାତାମାନଙ୍କ ପାଇଁ

ଖୋଲା ଅଟେ । ଏହି ପଦବୀରେ ନିୟମିତ ନିଯୁକ୍ତି ସମୟରେ, ଯଦି ଆବେଦନକାରୀଙ୍କ ନାମ ଆଉ ଥରେ ପଠାଯାଏ, ତେବେ ଏହା ଉଲ୍ଲେଖ କରିବାର ଆବଶ୍ୟକତା ନାହିଁ ଯେ, ଉତ୍ତରଦାତା ଆବେଦନକାରୀଙ୍କ ନାମକୁ ଅନ୍ୟ ପ୍ରାର୍ଥୀମାନଙ୍କ ସହିତ ନୂତନ ଭାବରେ ବିଚାର ପାଇଁ ପ୍ରାୟୋଜିତ କରିବେ । ସେହି ଅନୁଯାୟୀ ଅପିଲକୁ କେବଳ ଉପରୋକ୍ତ ସୀମା ପର୍ଯ୍ୟନ୍ତ ମଞ୍ଜୁରୀ ଦିଆଯାଉଛି ଏବଂ ଏକ ନିର୍ଦ୍ଦେଶ ଜାରି କରାଯାଉଛି ।

*ସର୍ତ୍ତାଧୀନ ଆଦେଶକୁ* ଚୂଡ଼ାନ୍ତ କରାଯାଉଛି । କୌଣସି ଖର୍ଚ୍ଚ ନାହିଁ ।

ଆର୍. ଆର୍. ଅପିଲଟିର ଫଏସଲା କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

***ଭାଷାନ୍ତର :***

**ଅମରେଶ୍ୱର ମିଶ୍ର, ଅନୁବାଦକ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**